ଧରିତ୍ରୀ
DHARITRI
ଢେଙ୍କାନାଳ, ସୋମବାର, ୫ ଅକ୍ଟୋବର, ୨୦୨୦

## ୪ ପୋଲିସ କର୍ମଚାରୀଙ୍କୁ କରୋନା

ବଅଁରପାଳ,(ଡି.ଏନ.ଏ.): ନାଲ୍‌କୋ ଓ ବଅଁରପାଳ ଅଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ଚାଲିଥିବାବେଳେ ନାଲ୍‌କୋ ଥାନାର ୪ ଜଣ କର୍ମଚାରୀ ଏଥିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସମ୍ପୃକ୍ତ କର୍ମଚାରୀଙ୍କ ସ୍ୱାବ୍ ଟେଷ୍ଟ ରିପୋର୍ଟ ପଜିଟିଭ ଥିବା ଥାନା ସୂତ୍ରରୁ ସୂଚନା ମିଳିଛି। ଫଳରେ ଥାନାର ଅନ୍ୟ କର୍ମଚାରୀମାନେ ଚିନ୍ତାରେ ପଡିଛନ୍ତି।



## ସଂକ୍ଷେପରେ

### ଦୁଇ ଶିକାରୀ ଗିରଫ

ଅନୁଗୋଳ ଅଫିସ, ୪।୧୦: ଅନୁଗୋଳ ଜିଲା ସାତକୋଶିଆ ବନଖଣ୍ଡର ପମ୍ପାସରରେ କୁଟୁରା ଶିକାର କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ବନ ବିଭାଗ ଗିରଫ କରିଛି। ଏଥିସହ କୁଟୁରା ମାଂସ ମଧ ଜବତ କରିଥିବା ବନବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ତେବେ ଦୁଇ ଶିକାରୀ ଜିତେନ ବେହେରା ଓ କୃତର୍ଥ ମହାଲିକଙ୍କୁ ଗିରଫ ସହ ୬ କିଲୋଗ୍ରାମ କୁଟୁରା ମାଂସ, କୁରାଢ଼ି, ଛୁରି ଓ ଦୁଇ କିଲୋଗ୍ରାମ ବାଇଣ୍ଡିଙ୍ଗ ତାର ଜବତ କରାଯାଇଥିବା ସାତକୋଶିଆ ଡିଏଫଓ ପି.ରାମାସ୍ୱାମୀ ସୂଚନା ଦେଇଛନ୍ତି।

### ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା

କଣିହାଁ, ୪।୧୦(ଡି.ଏନ.ଏ.): ଲୋକ ଭାଷା ପ୍ରଚାର ସମିତି ଅନୁଗୋଳ ଶାଖା ପୁନର୍ଗଠନ ସହ ରବିବାର ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ସମିତିର କାର୍ଯ୍ୟକାରୀ ସଦସ୍ୟ ବଡତ୍ରିବିଡା ହାଇସ୍କୁଲ ଶିକ୍ଷକ ମୋହନ ସୁନ୍ଦର ପାଣିଙ୍କ ସୂଚନା ଅନୁଯାୟୀ, ରାଜ୍ୟ ଶାଖା ସଭାପତି ଡ. ବିପିନ ବିହାରୀ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅନୁଗୋଳ ଜିଲା ମଣ୍ଡଳ ସଭାପତି ଭାବେ ଡ. ନାରାୟଣ ଚନ୍ଦ୍ର ପଣ୍ଡା, ସୁବୋଧ କୁମାର ପଣ୍ଡା ଉପାଧକ୍ଷ, ଦେବାଶିଷ ଦାସ ସମ୍ପାଦକ ଭାବେ ଚୟନ ହୋଇଛନ୍ତି। ଜୟରାମ ମିଶ୍ର ଓ ମୋହନ ସୁନ୍ଦର ପାଣିଙ୍କୁ ମଧ ସମିତି କାର୍ଯ୍ୟକର୍ତ୍ତା ଭାବେ ମନୋନୀତ କରାଯାଇଛି।

### ଉପଜିଲାପାଳଙ୍କ ପିତୃ ବିୟୋଗ


କାଶୀନାଥ ଶତପଥୀ

ଅନୁଗୋଳ ଅଫିସ, ୪।୧୦: ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ପିତା ଅବସରପ୍ରାପ୍ତ ଶିକ୍ଷକ କାଶୀନାଥ ଶତପଥୀ(୮୮)ଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ସେ ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ ଥିଲେ। ଅନୁଗୋଳର ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଉପଜିଲାପାଳ ଶତପଥୀ କହିଛନ୍ତି। ମୃତ୍ୟୁ ସମୟରେ ବଡ଼ପୁଅ ଡା. ଅନନ୍ତ ଶତପଥୀ, ସରୋଜ ଶତପଥୀ, ଝିଅ ଓ ନାତି ଉପସ୍ଥିତ ଥିଲେ। ଖବରପାଇ ଜିଲାପାଳ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କ ସହ କର୍ମଚାରୀମାନେ ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ପୈତୃକ ଗ୍ରାମ ଯାଜପୁର ଜିଲାର ଗୋବିନ୍ଦପୁରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ସ୍ୱର୍ଣ୍ଣ ବିଜୟୀ କ୍ରୀଡ଼ାବିତ୍‌ଙ୍କ ପରଲୋକ

ଅନୁଗୋଳ ଅଫିସ, ୪।୧୦: ରାଜ୍ୟସ୍ତରୀୟ ଭାରୋତ୍ତୋଳନରେ ୪ ଥର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ଅନୁଗୋଳ ହୁଲୁରୁସିଂହାସ୍ଥିତ ରୁଦ୍ର ପ୍ରସନ୍ନ ପରମଗୁରୁଙ୍କ ଗତ ସେପ୍ଟେମ୍ବର ୨୭ ତାରିଖରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୯ ବର୍ଷ ହୋଇଥିଲା। ତାଙ୍କ ବିୟୋଗରେ ମଦନମୋହନପଡ଼ାସ୍ଥିତ ପୁରାତନ ବ୍ୟାୟାମ ଶାଳାଠାରେ ପ୍ରଫୁଲ କୁମାର ଦାସଙ୍କ ଉପସ୍ଥିତ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଗଙ୍ଗାଧର ପଟ୍ଟନାୟକ, ପଙ୍କଜ ଦେହୁରୀ, ଜ୍ଞାନେନ୍ଦ୍ର ପ୍ରଧାନ, ଶ୍ରୀକାନ୍ତ ବାରିକ, ରଞ୍ଜନ ନାୟକ ଓ ବାବୁ ସାହୁ ପ୍ରମୁଖ ଯୋଗଦେଇ ଦୁଇ ମିନିଟ୍ ନୀରବ ପ୍ରର୍ଥନା କରିଥିଲେ।

### ବିଜୁ ଯୁବ ଜନତା ଦଳର ଶ୍ରଦ୍ଧାଞ୍ଜଳି

ଅନୁଗୋଳ ଅଫିସ, ୪।୧୦: ଅନୁଗୋଳ ଅମଲାପଡ଼ାସ୍ଥିତ ମା' ବାସନ୍ତି ଦୁର୍ଗା ମଣ୍ଡପରେ ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଦିନେଶ ପ୍ରଧାନଙ୍କ ନେତୃତ୍ୱରେ ପିପିଲି ବିଧାୟକ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଓଡ଼ିଶା ମୋ ପରିବାର ଓ ଜୀବନବିନ୍ଦୁ ସଂଯୋଜକ ଶକ୍ତିପ୍ରସାଦ ପଟ୍ଟନାୟକ, ବ୍ଲକ ଅଧକ୍ଷ ନିରଞ୍ଜନ ଦେହୁରୀ, ଉପାଧକ୍ଷା ମମତା ପ୍ରଧାନ, ବଅଁରପାଳ ବ୍ଲକ ଉପାଧକ୍ଷ ପ୍ରଶାନ୍ତ ବେହେରା, ପ୍ରଦୀପ ଦେବତା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାରଥୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ।

# ଅନୁଗୋଳରେ ସକ୍ରିୟ ବେଟିଂ ର୍ୟାକେଟ୍

**ଅନୁଗୋଳ ଅଫିସ, ୪।୧୦**

- ମ୍ୟାଚ ଉପରେ ଲାଗୁଛି ଲକ୍ଷାଧିକ ଟଙ୍କା ବାଜି
- ଏଜେଣ୍ଟ ମାଧମରେ ହେଉଛି କାରବାର
- ରାଜ୍ୟ ବାହାର ପର୍ଯ୍ୟନ୍ତ ଲମ୍ବିଛି ଚେର



ଆଇପିଏଲ୍‌ସହ ଆରମ୍ଭ ହୋଇଛି ଫଟାଫଟ୍ କ୍ରିକେଟ୍ ଋତୁ। ଦୁବାଇରେ ହେଉଛି ଛକା, ଚୌକା ବର୍ଷା। କେତେବେଳେ ଲୋ ସ୍କୋରିଂ ତ ଆଉ କେତେବେଳେ ହାଇ ସ୍କୋରିଂ ମ୍ୟାଚ ଦର୍ଶକଙ୍କ ମଧରେ ରୋମାଞ୍ଚ ଭରୁଛି। ଦିନକୁ ଦିନ ମ୍ୟାଚ ଅଧିକ ଉତ୍କଣ୍ଠାପୂର୍ଣ୍ଣ ହେଉଥିବାରୁ ଏଥିରୁ ଫାଇଦା ଉଠାଇବାକୁ ସକ୍ରିୟ ହୋଇପଡ଼ିଛନ୍ତି ବେଟିଂ ର୍ୟାକେଟ୍। ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ଏହି ଟୋଣ୍ଟି-୨୦ କ୍ରିକେଟ୍‌କୁ ନେଇ ଚାଲିଛି ଜୋରଦାର ବେଟିଂ ବା ଜୁଆ ଖେଳ। ମାତ୍ର କେଇ ମିନିଟ୍ ମଧରେ ପୁଳା ପୁଳା ଟଙ୍କା ରୋଜଗାର କରିବାର ନିଶା ଯୁବପିଢ଼ିଙ୍କୁ ଏହି ବେଟିଂ ର୍ୟାକେଟ୍ ଆଡକୁ ଆକର୍ଷିତ କରୁଛି। ହେଲେ ଏ ନେଇ ପୋଲିସକୁ କିଛି ବି ସଫଳତା ଏଯାଏ ମିଳିପାରି ନାହିଁ।

ସୂଚନା ଅନୁଯାୟୀ, ରାଜ୍ୟ ବାହାରୁ ଲମ୍ବିଥିବା ଏହି ବେଟିଂ ର୍ୟାକେଟ୍‌ର ଚେର ଏବେ ଅନୁଗୋଳ ଜିଲାରେ ସୁଦୃଢ଼ ହେବାରେ ଲାଗିଛି। ମୋବାଇଲ ଫୋନ୍ ଓ ଇଣ୍ଟରନେଟ୍ ଜରିଆରେ ଏହି ଜୁଆ ଖେଳାଯାଉଛି। ଆଇପିଏଲ୍ ଆରମ୍ଭର ୧୦/୧୫ ଦିନ ପୂର୍ବରୁ ଏହି ର୍ୟାକେଟ୍ ଏଠାରେ ଏଜେଣ୍ଟମାନଙ୍କୁ ନେଇ ସ୍ୱତନ୍ତ୍ର ନେଟୱର୍କ ସୃଷ୍ଟି କରିଛି। ମ୍ୟାଚ ଆରମ୍ଭ ପୂର୍ବରୁ ଓ ଚାଲିଥିବା ବେଳେ ପ୍ରତି ଓଭରକୁ ନେଇ ବାଜି ଲଗାଯାଉଛି। ବିଶେଷକରି ମ୍ୟାଚର ଶେଷ ଆଡ଼କୁ ଏହି ବେଟିଂରେ ଅଧିକ ଅର୍ଥ ଲଗାଯାଉଛି। କେଉଁ ଦଳ ପାଇଁ କେତେ ଟଙ୍କା ଲାଗିବ ତାହା ପୂର୍ବରୁ ସ୍ଥିର କରାଯାଉଛି। ଏ ନେଇ ଏଜେଣ୍ଟଙ୍କ ଜରିଆରେ ବେଟିଂ ପାଇଁ ଇଚ୍ଛୁକ ଗ୍ରାହକଙ୍କୁ ଜଣାଇ ଦିଆଯାଉଛି। ଜିତିଲେ ଦୁଇଗୁଣା କିମ୍ବା ତିନିଗୁଣା ଅର୍ଥ ଦିଆଯିବାର ପ୍ରଲୋଭନ ଦେଖାଇ ଯୁବ କ୍ରିକେଟ୍ ପ୍ରେମୀଙ୍କୁ ଫସାଯାଉଛି। ଯଦି କେହି ବାଜିରେ ହାରିଯାଉଛି ତା'ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରୁ ଟଙ୍କା ନେବାକୁ ପହଞ୍ଚି ଯାଉଛନ୍ତି ଏଜେଣ୍ଟ। ପ୍ରତିଶ୍ରୁତି ଅନୁଯାୟୀ ଟଙ୍କା ଦେଇଦେଲେ ଭଲ ନଚେତ ଏହା ବଦଳରେ ଗାଡ଼ି, ମୋବାଇଲ, ସୁନା ଅଳଙ୍କାର ଆଦି ସେମାନଙ୍କୁ ହରାଇବାକୁ ପଡୁଛି। ଏପରି କି ପ୍ରତିବାଦ କଲେ ଜୀବନରୁ ମାରି ଦେବାକୁ ଧମକ ଦିଆଯାଉଛି। ପୂର୍ବରୁ ଏହି ର୍ୟାକେଟ୍ କଟକ, ଭୁବନେଶ୍ୱର, ବ୍ରହ୍ମପୁର ଆଦି ସହରରେ ନିଜର କାୟା ବିସ୍ତାର କରିଥିବା ଦେଖିବାକୁ ମିଳୁଥିଲା। ପ୍ରତିବର୍ଷ ଆଇପିଏଲ୍ ଓ ବିଭିନ୍ନ ଟୋଣ୍ଟି-୨୦ ପ୍ରତିଯୋଗିତା ବେଳେ ସେଠାକାର ପୋଲିସ ଏପରି ବେଟିଂ ର୍ୟାକେଟର ପର୍ଦ୍ଦାଫାଶ କରୁଥିବା ଦେଖାଯାଉଥିଲା। କିନ୍ତୁ ଏବେ ଅନୁଗୋଳରେ ବେଟିଂ ର୍ୟାକେଟ୍ ଆସ୍ଥାନ ଜମାଇସାରିଛି। ତେବେ ଏହି ର୍ୟାକେଟ୍ ନିକଟରେ ପୋଲିସ ପହଞ୍ଚିପାରୁଛି କି ନାହିଁ ତାହା ଆଗାମୀ ଦିନରେ ହିଁ ଜଣାପଡ଼ିବ। ଏ ସମ୍ପର୍କରେ ଏସ୍‌ପି ଜଗମୋହନ ମୀନା କହିଛନ୍ତି, ଜିଲାର ସମସ୍ତ ଥାନାକୁ ଏ ନେଇ ନିର୍ଦ୍ଦେଶ ଦିଆଯିବ। ସେମାନେ ନିଜସ୍ୱ ଗୋଇନ୍ଦା ଜରିଆରେ ଏହି କାରବାର ଉପରେ ନଜର ରଖିବା ସହ ର୍ୟାକେଟକୁ ଯେପରି ଧରିପାରିବେ ସେଥିପାଇଁ କୁହାଯିବ।

# ମହିଳାଙ୍କୁ ହତ୍ୟା ଅଭିଯୋଗ

**କଣିହାଁ, ୪।୧୦(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ଥାନା ତାଳଚେର ବ୍ଲକ କୁମୁଣ୍ଡା ପଞ୍ଚାୟତ ଚିତ୍ତଲପୁର ଗ୍ରାମର କଲ୍ୟାଣୀ ନାଏକଙ୍କୁ ଶନିବାର ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ତଦନ୍ତକାରୀ ଅଧିକାରୀ ସ୍ମିତାଞ୍ଜଳି ପ୍ରଧାନଙ୍କ ସୂଚନା ମୁତାବକ, ୩ ବର୍ଷ ପୂର୍ବେ ତାଳଚେର ସାଉଥବଳଣ୍ଡା ଗୁରୁଦ୍ୱାର ଅଞ୍ଚଳର ମହେଶ୍ୱର ନାଏକଙ୍କ ଝିଅ କଲ୍ୟାଣୀଙ୍କୁ ଚିତ୍ତଲପୁର ଗ୍ରାମର ପାଣ୍ଡବ ନାଏକ ବିବାହ କରିଥିଲେ। ଉଭୟଙ୍କ ଦୁଇଟି ସନ୍ତାନ ଅଛନ୍ତି। ତେବେ ଶାଶୁଘରେ ଯୌତୁକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରି କଲ୍ୟାଣୀ ବାପଘରକୁ ଚାଲିଆସିଥିଲେ। ବୁଝାଶୁଝା ପରେ କଲ୍ୟାଣୀ ୬ ଦିନ ପୂର୍ବରୁ ଚିତ୍ତଲପୁର ଫେରିଥିଲେ। ଶନିବାର ସନ୍ଧ୍ୟାରେ ଝିଅ ଅବସ୍ଥା ଗୁରୁତର ଥିବା ଶାଶୁଘରୁ ଖବର ପାଇ ବାପଘର ଲୋକେ ଆସିବା ପରେ କଲ୍ୟାଣୀଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଯୌତୁକ ନିର୍ଯାତନା ଦିଆଯାଇ କଲ୍ୟାଣୀଙ୍କୁ ହତ୍ୟା କରାଯାଇଥିବା ବାପଘର ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ନଂ. ୧୯୭/୨୦ରେ ଏକ ମାମଲା ରୁଜୁ ହୋଇଛି। ରବିବାର ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ୫ ହଜାର ଛୁଇଁବ ପଜିଟିଭ୍ ସଂଖ୍ୟା

**ଅନୁଗୋଳ ଅଫିସ, ୪।୧୦**

ଅନୁଗୋଳ ଜିଲାରେ କରୋନା ପଜିଟିଭ୍ ସଂଖ୍ୟା ୫ ହଜାର ଛୁଇଁବାକୁ ଯାଉଛି। ରବିବାର ୧୧୯ ଜଣ ନୂଆ ସଂକ୍ରମିତ ଚିହ୍ନଟ ପରେ ମୋଟ୍ ପଜିଟିଭ୍ ସଂଖ୍ୟା ୪,୯୩୬ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ଆକ୍ରାନ୍ତଙ୍କ ମଧରେ ତାଳଚେର ବ୍ଲକରୁ ସର୍ବାଧିକ ୩୭ ଜଣ, ଅନୁଗୋଳ ପୌରାଞ୍ଚଳରୁ ୧୯, ବଅଁରପାଳରୁ ୧୫, ଛେଣ୍ଡିପଦାରୁ ୧୪, ତାଳଚେର ପୌରାଞ୍ଚଳରୁ ୧୨, ଅନୁଗୋଳ ବ୍ଲକରୁ ୭, କିଶୋରନଗରରୁ ୬, ପାଲଲହଡ଼ାରୁ ୪, ଆଠମଲ୍ଲିକରୁ ୪ ଓ କଣିହାଁରୁ ଜଣେ ସଂକ୍ରମିତ ରହିଛନ୍ତି। ଦିନକରେ ଜିଲାରୁ ୨୫୮ ଜଣ ସୁସ୍ଥ ହୋଇ ଫେରିଛନ୍ତି।

# ଗଣ୍ଡଗୋଳ, ଆକ୍ରମଣ ଅଭିଯୋଗ

**ବଇଣ୍ଡା, ୪।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ସରିଗିପାଲି ଗ୍ରାମରେ ଶନିବାର ୨ ପରିବାର ମଧରେ ଗଣ୍ଡଗୋଳ ହୋଇଛି। ନନ୍ଦିନୀ ବାଘଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ରୁଣୁବାଳା ବାଘଙ୍କୁ ସେହି ଗ୍ରାମର ସତ୍ୟନାରାୟଣ ବାଘ, ବନିତା ବାଘ, ସମୀର ବାଘ, ରବୀନ୍ଦ୍ର ବାଘ ଜମିବାଡି ସମସ୍ୟାକୁ କେନ୍ଦ୍ର କରି ମାଡ଼ ମାରିଛନ୍ତି। ପୋଲିସ ନଂ. ୨୦୯/୨୦ରେ ମାମଲା ରୁଜୁ କରିଛି। ସେହିପରି ସତ୍ୟନାରାୟଣ ପାଲଟା ଅଭିଯୋଗ କରିଛନ୍ତି ଯେ, ନନ୍ଦିନୀ ଓ ତାଙ୍କ ସ୍ୱାମୀ ସନକ ବାଘ ସତ୍ୟନାରାୟଣ ଏବଂ ତାଙ୍କ ସ୍ତ୍ରୀଙ୍କୁ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ କରିଛନ୍ତି। ଏ ନେଇ ନଂ. ୨୧୦/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି। ସେହିପରି ହଣ୍ଡପା ଥାନା ଧଉରାଗୋଠ ଗ୍ରାମର କୁନି ସିଂ ଓ ତାଙ୍କ ଦୁଇ ଝିଅ ଲକ୍ଷ୍ମୀ ସିଂ, ଶ୍ରାବଣୀ ସିଂଙ୍କୁ ସେହି ଗ୍ରାମର ବାପି ସିଂ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଆକ୍ରମଣ ହୋଇଥିବା ପୋଲିସ କହିଛି। ଏ ନେଇ ନଂ. ୨୦୬/୨୦ରେ ମାମଲା ରୁଜୁ ହୋଇଛି। ସେହିପରି ଜମିବାଡି ବିବାଦକୁ କେନ୍ଦ୍ର କରି ଉକ୍ତ ଥାନା ପାଗବନ୍ଧା ଗ୍ରାମର ତରଣୀ ନାୟକଙ୍କୁ ସେହି ଗ୍ରାମର କୃଷ୍ଣଚନ୍ଦ୍ର ନାୟକ, ବସନ୍ତ ନାୟକ, ସୁନୀତା ନାୟକ ଶନିବାର ଟାଙ୍ଗିଆରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ନଂ. ୨୦୭/୨୦ରେ ମାମଲା ରୁଜୁ କରାଯାଇଛି।

# ଯୁବକଙ୍କ ଆତ୍ମହତ୍ୟା

**ଆଠମଲ୍ଲିକ, ୪।୧୦(ଡି.ଏନ.ଏ.)**

ପାରିବାରିକ କଳହକୁ କେନ୍ଦ୍ରକରି ଶନିବାର ବିଳମ୍ବିତ ରାତିରେ ଆଠମଲ୍ଲିକ ବ୍ଲକ କାଠବେଣ୍ଟ ସାହିର ଜିତୁ ନାଏକ (୪୨) ଆତ୍ମହତ୍ୟା କରିଥିବା ଜଣାପଡିଛି। ରବିବାର ସକାଳେ ପରିବାର ଲୋକ ଜିତୁଙ୍କ ମୃତଦେହ ବାଡିପଟ ବରକୋଳି ଗଛରେ ଝୁଲୁଥିବା ଦେଖିଥିଲେ। ସବ୍‌ଇନ୍ସପେକ୍ଟର ଦେବଯାନୀ ଛତର ଘଟଣାସ୍ଥଳରେ ପହଞ୍ଚି ଜିତୁଙ୍କୁ ସ୍ଥାନୀୟ ଡାକ୍ତରଖାନା ଆଣିଥିଲେ। ସେଠରେ ଡାକ୍ତର ଜିତୁଙ୍କୁ ମୃତ ଘୋଷଣା କରିବା ପରେ ଆଠମଲ୍ଲିକ ପୋଲିସ ନଂ. ୧୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଏଥିସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି ।

# ଷ୍ଟାଡିୟମରୁ ଆର୍‌ଏମ୍‌ସିକୁ ଉଠିଲା ହାଟ

**ଅନୁଗୋଳ ଅଫିସ, ୪।୧୦**


ହାଟକୁ ଆସିଥିବା ଚାଷୀମାନେ।

କରୋନା କାରଣରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅନୁଗୋଳ ଷ୍ଟାଡିୟମରେ ରାତିରେ ବସୁଥିବା ହାଟକୁ ଏବେ ଅନୁଗୋଳ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) କୁ ସ୍ଥାନାନ୍ତର କରାଯାଇଛି। ଏବେ ଆର୍‌ଏମ୍‌ସିରେ ରାତିରେ ହାଟ ଖୋଲିଥିବା ସୂଚନା ମିଳିଛି। ପ୍ରଥମ ଦିନରେ ସେତେ ଅଧିକ ସଂଖ୍ୟାରେ ବ୍ୟବସାୟୀ ଓ ଚାଷୀଙ୍କ ସମାଗମ ହୋଇ ନ ଥିବାବେଳେ ଆଗାମୀ ଦିନରେ ଏହି ହାଟ୍ ଭରପୁର ରହିବ ବୋଲି ଆରଏମ୍‌ସି ସମ୍ପାଦକ ଶମ୍ଭୁନାଥ ନାୟକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ହାଟ ଆରଏମ୍‌ସି ବାହାରେ ଖୋଲାଯିବାର ଥିଲା। ତେବେ ଏହାକୁ ଭିତରକୁ ସ୍ଥାନାନ୍ତର କରାଯାଇଥିବାରୁ ଅନୁଗୋଳ ପୌରପାଳିକା ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି।

# ସ୍ୱାବଲମ୍ବୀ କରିଛି ଚିନାବାଦାମ ବିକ୍ରି

**କେନ୍ଦୁଝର, ୪।୧୦(ସ୍ୱ.ପ୍ର.)**


ମହିଳାମାନେ ବଜାରରେ ଚିନାବାଦାମ ବିକ୍ରି କରୁଛନ୍ତି।

ବର୍ତ୍ତମାନ ଚିନାବାଦାମ ଅମଳର ସମୟ। ଚାଷୀ ଚିନାବାଦମ ଅମଳ କରି ବିକିବେଶ ଦୁଇ ପଇସା ଲାଭ କରିଥାଏ । ବେପାରୀ ମାନେ ଏହି ଚିନାବାଦାମକୁ କିଣି ନେଇ ଅନ୍ୟ ଜିଲା ଓ ରାଜ୍ୟକୁ ଚାଲାଣ କରି ଲାଭ କରିଥାନ୍ତି। ତେବେ ପଡୋଶୀ ମୟୂରଭଞ୍ଜ ଜିଲାର ଚିନାବାଦାମର ଚାହିଦା କେନ୍ଦୁଝର ଜିଲାରେ ଦେଖିବାକୁ ମିଳିଛି। ମୟୂରଭଞ୍ଜ ଜିଲାର ଚଢେଇଭୋଳ ଅଞ୍ଚଳରୁ ଏହି ଚିନାବାଦାମ ଆସିଥାଏ। କେତେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ପ୍ରତ୍ୟେକ ଦିନ ବସ୍ତା ବସ୍ତା ଚିନା ବାଦାମ ଆଣି କେନ୍ଦୁଝର ସହରରେ ବିକୁଥିବା କୁହନ୍ତି।

ପଇଲା (କିଲୋ) ୨୫ ଟଙ୍କାରେ ଦରରେ ବାଦାମ କିଣି ଆଣି ଏଠାରେ କିଲୋ ୪୦ ଟଙ୍କା ବା ମାଣ ୨୦ ଟଙ୍କାରେ ବାଦମ ବିକି ଦୁଇ ପଇସା ଲାଭ କରିଥାନ୍ତି। ପ୍ରତ୍ୟେକ ବର୍ଷ ୪ ମାସ ଅର୍ଥାତ ମକର ପର୍ଯ୍ୟନ୍ତ ଏଭଳି ବାଦାମ ଆଣି କେନ୍ଦୁଝରରେ ବିକିଥାନ୍ତି ବୋଲି ପ୍ରମିଳା ନାୟକ କହିଛନ୍ତି । ଦୈନିକ ପାଖାପାଖି ୧୫୦/୨୦୦ ଟଙ୍କା ଏହି ବାଦାମ ବିକି ରୋଜଗାର କରୁଛନ୍ତି। ଏଭଳି ସେ ଅଞ୍ଚଳର ଅନ୍ୟ ମହିଳା ମାନେ ମଧ ବିଭିନ୍ନ ହାଟ/ବଜାରରେ ଚିନାବାଦାମ ବିକି ଦୁଇ ପଇସା ଲାଭ କରି ପରିବାର ଚଳାଇ ଆସୁଥିବା କହିଛନ୍ତି। ସେମାନେ ବିଭିନ୍ନ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଅଛନ୍ତି ବୋଲି ଦସରୀ ନାଏକ କହିଛନ୍ତି। ବର୍ଷ ସାରା ବିଭିନ୍ନ ପ୍ରକାରର ବ୍ୟବସାୟ କରି ରୋଜଗାରକ୍ଷମ ହୋଇ ଆସୁଛନ୍ତି ବୋଲି କହିଛନ୍ତି।

# ଉପନିର୍ବାଚନ ପରିଚାଳନା ଲାଗି ପ୍ରଶିକ୍ଷଣ ଶିବିର

**ବାଲେଶ୍ୱର ଅଫିସ, ୪।୧୦**

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ଉପନିର୍ବାଚନ ଆସନ୍ତା ନଭେମ୍ବର ୩ତାରିଖରେ ଅନୁଷ୍ଠିତ ହେବ। ଏହାର ଉପଯୁକ୍ତ ପରିଚାଳନା ଲାଗି ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାସ୍ତରୀୟ ମାଷ୍ଟର ଟ୍ରେନର ଏବଂ ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ୧୦ଜଣ ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନରମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶନିବାର ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ବି.ପି.ରାୟ, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ସଫ୍ଟୱେୟାର ଇଞ୍ଜିନିୟର ଇଦରିସ ପ୍ରମୁଖ ଭାଗ ନେଇଥିଲେ। ରବିବାର ପ୍ରଶିକ୍ଷଣ ଶିବିରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ରଘୁରାମ ଆୟାର, ଉପ ମୁଖ୍ୟନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ, କ୍ରୀଡା ଓ ଯୁବ ସେବା ବିଭାଗ ଉପସଚିବ ଶୈଳେନ୍ଦ୍ର କୁମାର ଜେନା, ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ରାମକୃଷ୍ଣ ଟୁଙ୍ଗ ପ୍ରମୁଖ ଅଂଶଗ୍ରହଣ କରି ନିର୍ବାଚନ ପରିଚାଳନାର ବିଭିନ୍ନ ଦିଗ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କୁ ବୁଝାଇଥିଲେ। ବିଶେଷ କରି ଆଦର୍ଶ ଆଚରଣ ବିଧି ଲାଗୁ, ନିର୍ବାଚନୀ ଖର୍ଚ୍ଚ, ଆଇନଶୃଙ୍ଖଳା, ଇଭିଏମ-ଭିଭିପାଟ୍‌ର ବ୍ୟବହାର, ସମ୍ବେଦନଶୀଳ ବୁଥ୍ ପାଇଁ ବ୍ୟବସ୍ଥା, ବୁଥ୍ ପରିଚାଳନା, କୋଭିଡ୍ କଟକଣା ଅନୁଯାୟୀ ନିର୍ବାଚନ ପରିଚାଳନା ଆଦି ଉପରେ ଏହି କାର୍ଯ୍ୟକ୍ରମ କେନ୍ଦ୍ରିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୫ଜଣ ଜିଲାସ୍ତରୀୟ ଓ ବିଧାନସଭା ନିର୍ବାଚନମଣ୍ଡଳସ୍ତରୀୟ ମାଷ୍ଟରଟ୍ରେନର ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ପରେ ସେମାନେ ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସରମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ ସହିତ ନିର୍ବାଚନର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ କରାଇବେ। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ନିର୍ବାଚନ ସମ୍ପର୍କରେ ସେମାନଙ୍କର ସମସ୍ତ ଦ୍ୱନ୍ଦ୍ୱ ଦୂର କରିବାକୁ ପ୍ରଶିକ୍ଷାର୍ଥୀମାନଙ୍କୁ କହିଥିଲେ। ଶିବିରରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ପିଡି-ଡିଆରଡିଏ ରବୀନ୍ଦ୍ର କୁମାର ସାହୁ, ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ଆଶିଷ ଈଶ୍ୱର ପାଟିଲଙ୍କ ସମେତ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

# ଦିବ୍ୟାଙ୍ଗ ସୁକାନ୍ତିଙ୍କ ହାତ ଧରିଲେ ନିରଞ୍ଜନ

**ଖଇରା, ୪।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଜଳଦା ପଞ୍ଚାୟତ ଅଧୀନ ସମ୍ପୈଇ ଗ୍ରାମରେ ଗ୍ରାମବାସୀଙ୍କ ସହଯୋଗରେ ଦିବ୍ୟାଙ୍ଗ ଯୁବତୀଯୁବକଙ୍କ ବିବାହ ରବିବାର ସମ୍ପନ୍ନ କରାଯାଇଛି। ସମ୍ପୈଇ ଗ୍ରାମର ମାୟାଧର ଜେନାଙ୍କ ପୁଅ ନିରଞ୍ଜନଙ୍କ ବିବାହ ବୟସ ହୋଇ ଯାଇଥିବା ବେଳେ ସେ ଜଣେ ଦିବ୍ୟାଙ୍ଗ ହୋଇଥିବାରୁ କେହି ଝିଅ ଦେବାକୁ ରାଜି ହୋଇ ନ ଥିଲେ। ଗ୍ରାମବାସୀ ଉକ୍ତ ବିଷୟ ହୃଦୟଙ୍ଗମ କରିବା ସହ ଯୋଗାଡରେ ଲାଗି ପଡିଥିଲେ। ଘଟଣାକ୍ରମେ ସୋର ଥାନା ଅଧୀନ କୋଚିଆକୋଇଲି ଗ୍ରାମର ସନାତନ ବେହେରା ଅର୍ଥାଭାବ ଯୋଗୁ ଦିବ୍ୟାଙ୍ଗ ଝିଅ ସୁକାନ୍ତିଙ୍କ ବିବାହ ହୋଇପାରୁ ନ ଥିଲା। ଗ୍ରାମବାସୀ ବିଶେଷ ସୂତ୍ରରୁ ଖବର ନେଇ ସନାତନଙ୍କ ସହ କଥାବାର୍ତ୍ତା କରି ବିବାହ ତାରିଖ ଧାର୍ଯ୍ୟ କରିଥିଲେ। ରବିବାର ସମ୍ପୈଇ ଗ୍ରାମରେ ଥିବା କଲ୍ୟାଣମଣ୍ଡପରେ ବ୍ରାହ୍ମଣ ମୁରଲୀଧର ପଣ୍ଡା ଓ ବାରିକ ଗୟାଧର ବାରିକଙ୍କ ଦ୍ୱାରା ଉଭୟଙ୍କ ବିବାହ କରାଯାଇଥିଲା। ଗ୍ରାମର ଖଗେନ୍ଦ୍ର ମାହାନା, ବ୍ରହ୍ମାନନ୍ଦ ମାହାନା, ଲକ୍ଷ୍ମୀଧର ଗିରି, ରମାକାନ୍ତ ସେଠୀ, ରାଜେନ୍ଦ୍ର ମାହାନା ପ୍ରମୁଖ ସହଯୋଗରେ ବିବାହ ସମ୍ପନ୍ନ ହୋଇଥିଲା।


କଲ୍ୟାଣ ମଣ୍ଡପରେ ଉଭୟଙ୍କ ବିବାହ।

# ୧୦ରେ ରାଜ୍ୟସ୍ତରୀୟ କୃଷକ ସମାବେଶ

**ବାଲେଶ୍ୱର ଅଫିସ, ୪।୧୦**

**ନିର୍ବାଚନ ଆଚରଣବିଧି, କୋଭିଡ୍ ଗାଇଡଲାଇନକୁ ଗୁରୁତ୍ୱ**


ପ୍ରସ୍ତୁତି ବୈଠକରେ ନବଜ୍ୟୋତି ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

କେନ୍ଦ୍ର ସରକାରଙ୍କ କୃଷି ବିରୋଧୀ ଆଇନ ପ୍ରତିବାଦରେ ବାଲେଶ୍ୱରଠାରେ ଏକ ରାଜ୍ୟସ୍ତରୀୟ କୃଷକ ସମାବେଶ କରିବାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ନିଷ୍ପତ୍ତି ନେଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର କଂଗ୍ରେସ ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକଙ୍କ ସଭାପତିତ୍ୱରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୦ତାରିଖରେ ସମାବେଶ କରାଯିବାକୁ ନିଷ୍ପତ୍ତି ହୋଇଛି। ନିର୍ବାଚନ ଆଚରଣବିଧି ଓ କୋଭିଡ୍ ଗାଇଡ୍‌ଲାଇନକୁ ପାଳନ କରି ଯେପରି ସମାବେଶ ହୋଇପାରିବ ତାହା ଉପରେ ବୈଠକରେ ଗୁରୁତାରୋପ କରାଯାଇଥିଲା। ଏଥିରେ ଜାତୀୟ ଏବଂ ରାଜ୍ୟସ୍ତରୀୟ ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକମ ଅଛି। ଅନ୍ୟମାନଙ୍କ ମଧରେ ଟାଉନ କଂଗ୍ରେସ ସଭାପତି ପଦ୍ମଲୋଚନ ଲେଙ୍କା, ପ୍ରଦେଶ କଂଗ୍ରେସ ପୂର୍ବତନ ସାଧାରଣ ସମ୍ପାଦକ ସଞ୍ଜୀବ ଗିରି, ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଭଦ୍ରକ ଲୋକସଭା ପ୍ରାର୍ଥୀ ମଧୁମିତା ସେଠୀ, ସତ୍ୟଶିବ ଦାସ, ସୋର ବ୍ଲକର ପୂର୍ବତନ ଅଧକ୍ଷ ଶ୍ରୀକାନ୍ତ ଜେନା, ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, କୃଷ୍ଣଗୋପାଳ ପଣ୍ଡା, ଗୋପୀନାଥ ପାଢ଼ୀ, ଅର୍ଚ୍ଚନା ନନ୍ଦୀ, ପ୍ରଜ୍ଞାପରମିତା ମହାନ୍ତି, ଜ୍ୟୋତ୍ସ୍ନା ସେନାପତି, ବାସନ୍ତୀ ନାୟକ, ବାସନ୍ତୀ ସାମଲ, କିଷାନସେଲ ଜିଲା ସଭାପତି ନିରଞ୍ଜନ ବେହେରା, ଜିଲା ଯୁବକଂଗ୍ରେସ ସଭାପତି ରଞ୍ଜନ ଦାସ, ତୁଷାରକାନ୍ତି ତପସ୍ୱୀ, ମିଡିଆ ସଂଯୋଜକ ଦେବଦତ୍ତ ଦାସ, ରାଜ୍ୟ ଛାତ୍ର କଂଗ୍ରେସ ସଂଯୋଜକ ଗୌତମ ସାହୁ, ବସ୍ତା ଯୁବକଂଗ୍ରେସ ସଭାପତି ସୁଧାଂଶୁ ଶେଖର ଜେନା, ଯୁବନେତା ସରୋଜ ଲେଙ୍କା, ପଶୁପତି ଉପାଧ୍ୟାୟ, ସନ୍ତୋଷ ମହାପାତ୍ର, ସରୋଜ ମହାନ୍ତି, ବିକାଶ ଦାସ, ସତ୍ୟଜିତ ପ୍ରଧାନ, ଜୀବନ ମହାପାତ୍ର, କିଶୋର ପାଲ, ପ୍ରବୀର ମଣ୍ଡଳ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

